# ଗାନ୍ଧୀଙ୍କ ୧୫୦ତମ ଜନ୍ମ ବର୍ଷରେ ଗାନ୍ଧୀବାଦ ଓ ମାର୍କ୍ସବାଦ

**ବୀରେନ୍ଦ୍ର ନାୟକ**

***'ଗାନ୍ଧୀବାଦ'ର ଅସ୍ତିତ୍ୱ***

'ଗାନ୍ଧୀବାଦ' ବୋଲି ସେପରି କିଛି ନାହିଁ - କହିଥିଲେ ଗାନ୍ଧୀ । ଏହା ସେ କହିଥିଲେ[1] ଗାନ୍ଧୀ ସେବା ସଂଘର ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଇ, ୧୯୩୬ ମସିହାରେ ଅନୁଷ୍ଠିତ ସପ୍ତାହ ବ୍ୟାପୀ (ଫେବୃଆରୀ ୨୯-ମାର୍ଚ୍ଚ ୬) ଅଧିବେଶନରେ, ଯେତେବେଳେ ଏହି ସଭ୍ୟମାନେ ଏକ ପ୍ରକାର ସଂଗଠିତ ପ୍ରଚାର ବ୍ୟବସ୍ଥାର ପ୍ରସ୍ତାବ ରଖୁଥିଲେ ଯାହା ଦ୍ୱାରା ଗାନ୍ଧୀଙ୍କ ଶିକ୍ଷାର ପ୍ରସାର ହୋଇପାରିବ । ସେ କହୁଥିଲେ[1], "ମୁଁ କୌଣସି ନୂଆ ନୀତି ବା ମତବାଦ ସୃଷ୍ଟି କରିଛି ବୋଲି ଦାବି କରେ ନାହିଁ । ମୁଁ କେବଳ ମୋ ବାଟରେ ଶାଶ୍ୱତ ସତ୍ୟକୁ ଆମର ଦୈନନ୍ଦିନ ଜୀବନ ଓ ସମସ୍ୟାରେ ହିଁ ପ୍ରୟୋଗ କରିଛି ।" ଏହି ବକ୍ତବ୍ୟଟିକୁ ଆହୁରି ବ୍ୟାଖ୍ୟା କରି ସେ କହୁଥିଲେ[1], "ବିଶ୍ୱକୁ ଶିକ୍ଷା ଦେବାପାଇଁ ମୋ ପାଖରେ ନୂଆ କିଛି ନାହିଁ । ସତ୍ୟ ଓ ଅହିଂସା ପର୍ବତ ପରି ପୁରାତନ । ମୁଁ କେବଳ ଏହି ଦୁଇଟିର ପ୍ରୟୋଗ ବ୍ୟାପକ ସ୍ତରରେ କରିବାକୁ ଚେଷ୍ଟା କରିଛି । ଏହା କରିବାବେଳେ ମୁଁ ବେଳେ ବେଳେ ଭୁଲ କରି ବସିଛି ଏବଂ ଏହି ଭୁଲରୁ ଶିଖିଛି । ଜୀବନ ଓ ଏହାର ସମସ୍ୟା ମୋ ପାଇଁ ହୋଇଛି ସତ୍ୟ ଓ ଅହିଂସା ପାଳନରେ ପ୍ରୟୋଗ ।" କିନ୍ତୁ ଏହା ସହିତ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହୁଥିଲେ[1] ଯେ 'ତାଙ୍କର ମତ ଓ ନିଷ୍କର୍ଷ' ଅନ୍ତିମ କଥା ନୁହେଁ , 'ଆସନ୍ତାକାଲି ସେଗୁଡ଼ିକୁ ସେ ବଦଳାଇ ପାରନ୍ତି ।'

ଏହା ଏକ ବିଡ଼ମ୍ବନା ଯେ ଗାନ୍ଧୀବାଦ ଶବ୍ଦର ପ୍ରୟୋଗର ଏକ ମୁଖର ପ୍ରମାଣ ମିଳିଥିଲା ଯେତେବେଳେ ଭଗତ ସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ (୧୯୨୬) ନୌଜୱାନ ଭାରତ ସଭାର ସଭ୍ୟମାନେ କରାଚୀ ରେଳ ଷ୍ଟେସନରେ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେଉଥିଲେ[2], 'ଗାନ୍ଧୀ ତୁମେ ଫେରିଯାଅ'('Gandhi go back'), 'ଗାନ୍ଧୀବାଦ ହାଏ ହାଏ' ('Down with Gandhism'), 'ଗାନ୍ଧୀଙ୍କ ଚୁକ୍ତି ପଠାଇଛି ଭଗତ ସିଂହଙ୍କୁ ଫାଶୀ ଖୁ କୁ' ('Gandhi's truce has sent Bhagat Singh to gallows'), 'ଭଗତ ସିଂହ ଅମର ରହେ'( 'Long Live Bhagat Singh') । ୨୫ ମାର୍ଚ୍ଚରେ କରାଚୀ ଠାରେ ଆରମ୍ଭ ହେଉଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେବାପାଇଁ ଗାନ୍ଧୀ କରାଚୀ ରେଳଷ୍ଟେସନ୍‌ରେ ଓହ୍ଲାଉଥିବା ବେଳେ ଏହା ଥିଲା ଦୃଶ୍ୟ । ତା' ପରଦିନ ଉଦ୍‌ଘାଟନୀ ଅଧିବେଶନରେ ଗାନ୍ଧୀ ଏହିପରି ସ୍ଲୋଗାନ ଉପରେ ପ୍ରତିକ୍ରିୟାରେ କହୁଥିଲେ[3] , "ସେମାନେ ମୋତେ ମାରିଦେଇ ପାରନ୍ତି, କିନ୍ତୁ ସେମାନେ ଗାନ୍ଧୀବାଦକୁ ମାରି ପାରିବେ ନାହିଁ । ଯଦି ସତ୍ୟକୁ ମାରି ଦିଆଯାଇ ପାରେ, ତାହାହେଲେ ଗାନ୍ଧୀବାଦକୁ ମାରି ଦିଆଯାଇ ପାରିବ । ଯଦି ଅହିଂସାକୁ ମାରି ଦିଆଯାଇ ପାରେ, ତାହାହେଲେ ଗାନ୍ଧୀବାଦକୁ ମାରି ଦିଆ ଯାଇପାରିବ । ଗାନ୍ଧୀବାଦ ପ୍ରକୃତରେ କ'ଣ, ଯଦି ସତ୍ୟ ଓ ଅହିଂସା ବାଟରେ ସ୍ୱରାଜ ହାସଲ ନୁହେଁ ? ସେମାନେ କଣ ସତ୍ୟ ଓ ଅହିଂସା ବାଟରେ ଅସିବା ସ୍ୱରାଜକୁ ଅଗ୍ରାହ୍ୟ କରିବେ ?" ନୌଜୱାନ ସଭାର ଯୁବକମାନେ ଭଗତ ସିଂହଙ୍କୁ ଦିଆଯାଇଥିବା ଫାଶୀକୁ ବିରୋଧ କରି ହିଁ ଉପରୋକ୍ତ ସ୍ଲୋଗାନମାନ ଦେଉଥିଲେ । ଭଗତ ସିଂହ ଫାଶୀ ପାଇବାର ମାତ୍ର ପଚାଶ ଦିନ ପୂର୍ବରୁ, ୧୯୩୧ ମସିହା ଫେବୃଆରୀ ମାସ ୨ ତାରିଖ ଦିନ, ଏକ ଆହ୍ୱାନଧର୍ମୀ ନିବନ୍ଧ 'ଯୁବ ରାଜନୈତିକ କର୍ମୀମାନଙ୍କୁ' ଲେଖି ଏହି ସଭ୍ୟମାନଙ୍କୁ ଗାନ୍ଧୀବାଦର ଅସାରତା ବିଷୟରେ ଜଣାଇଥିଲେ । ସେ ଲେଖିଥିଲେ[4], "କଂଗ୍ରେସ ଆନ୍ଦୋଳନ, ଯାହା ଉପରେ ଆଜିକା ଦିନରେ ଗାନ୍ଧୀବାଦର ମୋହର ବସା ଯାଇପାରେ, ତାହାର ସମ୍ଭାବନା, ବିଫଳତା ଓ ସଫଳତାକୁ ନେଇ ଆମର କୌଣସି ଭ୍ରମ ରହିବା ଉଚିତ ନୁହେଁ । ଏହା ସ୍ୱାଧୀନତା ପାଇଁ ଦୃଢ଼ତାର ସହ ଠିଆ ହୋଇ ନାହିଁ, ଏହା ସମର୍ଥନ କରେ 'ସହଭାଗିତା'କୁ ("Parternership"), ଯାହା 'ପୂର୍ଣ୍ଣ ସ୍ୱାଧୀନତା' ବୋଲି ଏକ ବିଚିତ୍ର ବ୍ୟୁତ୍ପ ି କରାଯାଉଛି । ଏହାର ଉପାୟ ହେଉଛି ଅଭିନବ କିନ୍ତୁ ଲୋକଙ୍କ ଅସହାୟତାକୁ ଦୂର କରିବାପାଇଁ ନୁହେଁ । ସାବରମତୀ ସନ୍ଥଙ୍କ ପାଇଁ ଅନୁଗାମୀ ଗାନ୍ଧୀବାଦ ଦ୍ୱାରା ଆସିବେ ନାହିଁ । ଏହା ଲିବରାଲ (ଉଦାରବାଦୀ) ଓ ରେଡ଼ିକାଲ (ଚରମପନ୍ଥୀ) ମିଶାମିଶି ଏକ ମଧ୍ୟବ ୍ତୀ ଦଳର ଭୂମିକା ନିର୍ବାହ କରିଛି ଓ କରୁଛି, କିନ୍ତୁ ବାସ୍ତବ ସ୍ଥିତିର ମୁକାବିଲା କରିବାକୁ ପଛାଉଛି ।" ଏହି ଲେଖାରେ ସେ ଯୁବ ରାଜନୈତିକ କର୍ମୀଙ୍କୁ ସ୍ମରଣ କରାଉଥିଲେ ମାର୍କ୍ସୀୟ ଭି ି ଉପରେ ସମାଜର ପୁନର୍ଗଠନ ହେଉଛି ସେମାନଙ୍କର

ଆଦର୍ଶ ଓ ଏହାକୁ ସାକାର କରିବା ପାଇଁ ସରକାରୀ ତନ୍ତ୍ରକୁ ଅକ୍ତିଆର କରିବାର ଆବଶ୍ୟକତା । ଏହା ବୋଧେ ଏକ ସଂଯୋଗ ଯେ ଭଗତ ସିଂହଙ୍କ ଏହି ଲେଖାରେ ଉଭୟ 'ଗାନ୍ଧୀବାଦ' ଓ 'ମାର୍କ୍ସବାଦ' ଦୁଇଟି ପଦର ଉଲ୍ଲେଖ ହେବାର ଦେଖାଯାଏ ।

ଭଗତ ସିଂହଙ୍କର ଉପରୋକ୍ତ ଉକ୍ତିର ପ୍ରାୟ ଦୁଇବର୍ଷ ପରେ,୧୯୩୩ ମସିହା ଫେବୃଆରୀ ମାସରେ, ମାର୍କ୍ସଙ୍କ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ନବକୃଷ୍ଣ ଚୌଧୁରୀଙ୍କର ଅଗ୍ରଗାମୀତ୍ୱରେ କେତେଜଣ ବ୍ୟକ୍ତି 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'ର ସ୍ଥାପନା କଲେ ଓ ଏହାର ୬ ମାସ ପରେ ନବକୃଷ୍ଣ ଏକ ପତ୍ର (୮/୯/୧୯୩୩) ଜବାହାରଲାଲ ନେହେରୁଙ୍କୁ ଲେଖିଥିଲେ[୫] ଯେଉଁଥିରେ ସେ 'ଗାନ୍ଧୀବାଦ'ର ଉଲ୍ଲେଖ କରିଥିଲେ ଓ ଦର୍ଶାଇଥିଲେ ଯେ ଏହାର ଦୁଇଟି ଦିଗ ରହିଛି । ଗୋଟିଏ ଦିଗ ହେଉଛି 'ବ୍ୟକ୍ତିର ନୈତିକ ଅଭ୍ୟୁ ।ନ ଆଭିମୁଖ୍ୟକାମୀ ଗାନ୍ଧୀବାଦ' ଓ ଅନ୍ୟଟି ହେଉଛି 'ବୈପ୍ଳବିକ ଆନ୍ଦୋଳନର ପଦ୍ଧତିଦାୟକ ଗାନ୍ଧୀବାଦ' । ନବକୃଷ୍ଣଙ୍କ ମତରେ ଏହି ଦୁଇଟି ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । ସେ ଲେଖିଥିଲେ, "ସ୍ୱାଧୀନତା ଲାଭ ଆମର ଆଶୁ ରାଜନୈତିକ ଲକ୍ଷ୍ୟ । ସେହି ଲକ୍ଷ୍ୟ ସାଧନ ବିଚାରରୁ ପ୍ରଥମୋକ୍ତ ମାର୍କା ଗାନ୍ଧୀବାଦର ଉପଯୋଗିତା ବହୁତ କମ୍ । ଯେଉଁ ଗାନ୍ଧୀବାଦ ଆମକୁ ମାନ୍ଦା ଦଳିଆଙ୍କ ଠାରୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଅସଙ୍ଗଠିତ ହିଂସା ଓ ରାଜନୈତିକ ହତ୍ୟା ଆଦି ହତାଶାମୂଳକ ଅନ୍ଧଗଳିରୁ ନୂଆବାଟ ଦେଖାଇଲା ସେହି ଧରଣର ଗାନ୍ଧୀବାଦ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟକ୍ଷ ଭାବରେ ଉପଯୋଗୀ । ଆତ୍ମଘାତୀ ଓ ଅଦୂରଦର୍ଶୀ ହିଂସାରେ ଛନ୍ଦି ହୋଇ ପଡ଼ିଥିବା ବିଶ୍ୱ ଲାଗି ଲଢୁଆ ଗାନ୍ଧୀବାଦ ହିଁ ଗାନ୍ଧିଜୀଙ୍କର ମୌଳିକ ଅବଦାନ । ଏହି ଧରଣର ଗାନ୍ଧୀବାଦ ଆମ ଦେଶରେ ନୂଆ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଛି । ସେହି ବାଟରେ ଠିକଣା ଭାବରେ ଶେଷ ପର୍ଯ୍ୟନ୍ତ ଚାଲିଲେ ଆମର ବିଜୟ ସୁନିଶ୍ଚିତ ।" ଅଥଚ ଏହି ଚିଠିରେ ହିଁ ଗାନ୍ଧୀବାଦ ତାର ଲଢୁଆ ଚରିତ୍ର ହରାଇଛି ବୋଲି ଇଙ୍ଗିତ କରି ସେ ଲେଖିଥିଲେ, "ଗାନ୍ଧିଜୀ ଦ୍ୱିତୀୟବାର ଅନଶନ ପରେ, ଜେଲରୁ ଆସିଲା ପରଠାରୁ, ସାଧାରଣ ମଣିଷର ବିଚାର ଓ ବୋଧଗମ୍ୟ ହେଲା ଭଳି ଢଙ୍ଗରେ ନ କହି, ଏଭଳି ଭାବରେ କାର୍ଯ୍ୟ କରୁଛନ୍ତି ଓ ତାକୁ ବୁଝାଉଛନ୍ତି ଯାହାକୁ କି ସାଧାରଣ ଲୋକ ବୁଝି ପାରିବ ନାହିଁ ଓ ତା'ପଛରେ ବୋଧଗମ୍ୟ ଯୁକ୍ତି ନାହିଁ । ତାଙ୍କ କହିବାରୁ ଜଣାଯାଏ ଯେଭଳି ସେ କୌଣସି ଅଲୌକିକ ଆଧ୍ୟାତ୍ମିକ ଅନୁଭୂତି ଲାଭ କରି, ଯାହା ଦିଗ୍‌ଦର୍ଶନ ପାଇଲେ, ତାହା ହିଁ କହୁଛନ୍ତି ଓ କରୁଛନ୍ତି । ଆମେ ସେ ସବୁ ପଢ଼ି ବାଉଳା ହୋଇଯାଉଛି । ଏହା ଫଳରେ ଦେଶରେ ଚାଲିଥିବା ଆନ୍ଦୋଳନର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି ।" ଆଉ ଏକ ସ୍ଥାନରେ ସେ ଲେଖୁଛନ୍ତି, "କରାଚୀ କଂଗ୍ରେସ ପୂର୍ବରୁ ବି କଂଗ୍ରେସ ଅନୁଷ୍ଠାନ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବ ର୍ନର ଆବଶ୍ୟକତା ଅନୁଭବ କରିଥିଲା । ୧୯୨୯ ମସିହା ମଇ ୨୯ ଓ ୨୫ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ଏହା ଗ୍ରହଣ କରିଥିଲା; ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମହାତ୍ମା ଗାନ୍ଧୀ ନିଜେ ବି ଏହା ସ୍ପଷ୍ଟ କହିଥିଲେ । ଏପରିକି ନିରନ୍ନଙ୍କ ଲାଗି ଧନିକ ଶ୍ରେଣୀର ଲୋପ କଥା ବି ସେ ଉକ୍ତ ବୈଠକରେ ଉଲ୍ଲେଖ କରିଥିଲେ । ଦୁଃଖର କଥା ଯେ, ଏଥିପାଇଁ ଯେଉଁ ସାହସ ଦରକାର କଂଗ୍ରେସ ସେଭଳି ସାହସ ଦେଖାଇ ପାରିନାହିଁ । କୁହାଯାଇପାରେ ଯେ, ଗାନ୍ଧୀ ବ୍ୟକ୍ତି ଭାବରେ ନିଜ ଢଙ୍ଗରେ ସେହି ସାମାଜିକ ସମାନତା ପାଇଁ କିଛି କାର୍ଯ୍ୟ କରୁଛନ୍ତି । କିନ୍ତୁ ତା'ଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ଏକ ପ୍ରଥମ ଶ୍ରେଣୀ ବୈପ୍ଳବିକ ଆନ୍ଦୋଳନ ହେବା ପରିବ ର୍ନରେ ପୂରାପୁରି ଏକ ସଂସ୍କାରମୂଳକ କାର୍ଯ୍ୟରେ ପର୍ଯ୍ୟବସିତ ହୋଇଛି ।" ଗାନ୍ଧୀବାଦର ବୈପ୍ଳବିକ ଚରିତ୍ର ଦୁର୍ବଳ ହେବା ନବକୃଷ୍ଣଙ୍କୁ ବିବ୍ରତ କରୁଥିବା ବେଳେ, ଓ ସତ୍ୟ ଓ ଅହିଂସାକୁ ଭି ି କରି ସ୍ୱରାଜ ହାସଲ ହିଁ ଗାନ୍ଧୀବାଦ ବୋଲି ଗାନ୍ଧୀ ଯେତେବେଳେ ପରିଭାଷିତ କରିଥିଲେ ସେତେବେଳେ ନବକୃଷ୍ଣ ନେହେରୁଙ୍କୁ ଲେଖୁଥିଲେ,"...ଅସାଧାରଣ ପରିସ୍ଥିତିରେ ନିଜେ ମାରିବା ଓ ମାରିବା ଲାଗି ଅନ୍ୟକୁ ଉତ୍ସାହିତ କରିବା ଭଳି ହିଂସା ମଧ୍ୟ ସତ୍ୟାଗ୍ରହର ପରିପନ୍ଥୀ ନୁହେଁ, ଏପରିକି ସତ୍ୟାଗ୍ରହର ସହାୟକ ବୋଲି ବିଚାର କରାଯାଏ ।" ଏହି ଉକ୍ତିଟି ଯେପରି ଭଗତ ସିଂହଙ୍କ ମତକୁ ପ୍ରତିଫଳିତ କରୁଛି । ସେ ତାଙ୍କ ନିବନ୍ଧ 'ମୁଁ କାହିଁକି ଜଣେ ନାସ୍ତିକ' (Why I Am An Atheist)ରେ ଲେଖିଥିଲେ (ଅକ୍ଟୋବର ୧୯୩୦)"କେବଳ ହିଂସା ପଦ୍ଧତିର ବ୍ୟବହାର ଯାହାର ରୋମାଂଚ ଆମ ପୂର୍ବଜମାନଙ୍କ ମଧ୍ୟରେ ବେଶ୍ ପ୍ରକଟିତ ହୋଇଥିଲା ଏବେ ତାହାର ସ୍ଥାନ ନେଇଛି ଗମ୍ଭୀର ଚିନ୍ତା-ଭାବନା ।.... ଅତି ଆବଶ୍ୟକ ସ୍ଥଳେ ବଳପ୍ରୟୋଗ ଯଥାର୍ଥ ଅଟେ । ଏକ ନୀତି ଭାବେ ସମସ୍ତ ଗଣ ଆନ୍ଦୋଳନ କ୍ଷେତ୍ରରେ ଅହିଂସା ଅପରିହାର୍ଯ୍ୟ ।" ଉଲ୍ଲେଖଯୋଗ୍ୟ ଯେ ଭଗତ ସିଂହ ଯଦିଓ ଜଣେ ମାର୍କ୍ସବାଦୀ ଥିଲେ ତଥାପି ତତ୍କାଳୀନ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇ ନଥିଲେ ।

ଉପରୋକ୍ତ ଉଦ୍ଧୃତିଗୁଡ଼ିକରୁ ସ୍ପଷ୍ଟ ଯେ ଗାନ୍ଧୀବାଦ ବୋଲି କିଛି ନାହିଁ, ଏହା ଗାନ୍ଧୀ କହିବା ପୂର୍ବରୁ କଂଗ୍ରେସ ଆନ୍ଦୋଳନ ପାଇଁ ଗାନ୍ଧୀବାଦ ଶବ୍ଦର ପ୍ରୟୋଗ ହେବା ଓ ଏହାର ବ୍ୟୁତ୍ପ ି ହେବା, ଏପରିକି ଗାନ୍ଧୀ ନିଜେ ଏହି ଶବ୍ଦକୁ ବ୍ୟବହାର କରିବା ଓ ପରିଭାଷିତ କରିବା

ଆମ୍ବେଦକରଙ୍କ ମନ୍ତବ୍ୟକୁ ଯଥାର୍ଥ ବୋଲି ପ୍ରତିପାଦିତ କରେ । ଆମ୍ବେଦକର କହିଥିଲେ[୬], "ଏହା (*କହିବା*) ଦ୍ୱାରା ଗାନ୍ଧୀବାଦର ଅସ୍ତିତ୍ୱ ଅପ୍ରମାଣିତ ହୁଏ ନାହିଁ ।" ବିଂଶ ଶତାବ୍ଦୀର ତିରିଶ ଦଶକରେ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଆନ୍ଦୋଳନର ପଦ୍ଧତିକୁ ପ୍ରଶ୍ନ କରିବା ବେଳେ ହିଁ 'ଗାନ୍ଧୀବାଦ' ଶବ୍ଦର ଗାନ୍ଧୀ ସାହିତ୍ୟରେ ପ୍ରବେଶ ହୋଇଛି, ଏହା କହିବା ଭି ିହୀନ ହେବ ନାହିଁ । ଯେଉଁମାନେ ପ୍ରଶ୍ନ କରୁଥିଲେ ସେମାନେ ମାର୍କ୍ସବାଦ ଦ୍ୱାରା ପ୍ରଭାବିତ ଥିଲେ, ଏହା ମଧ୍ୟ ଭି ିହୀନ ନୁହେଁ । ବୋଧହୁଏ ଏହାରି ପ୍ରତିକ୍ରିୟାରେ, ଯେପରି ଆମ୍ବେଦକର ମନ୍ତବ୍ୟ କରନ୍ତି[୬] କେତେକଙ୍କର (*ଗାନ୍ଧୀବାଦରେ*) ବିଶ୍ୱାସ ଏତେ ଗଭୀର ଯେ ସେମାନେ ଏହାକୁ ମାର୍କ୍ସବାଦର ବିକଳ୍ପ ବୋଲି ଦାବି କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ।

***<u>ଗାନ୍ଧୀଙ୍କ ଦୃଷ୍ଟିରେ ମାର୍କ୍ସବାଦ</u>***

କିନ୍ତୁ ଗାନ୍ଧୀ ଯେତେବେଳେ କୁହନ୍ତି[୭],"ମୁଁ ନିଜକୁ କମ୍ୟୁନିଷ୍ଟ ମଧ୍ୟ କୁହେ", ଯାହା ଶୁଣି ହତଚକିତ ଲୁଇ ଫିସର ତାଙ୍କୁ ଅନୁରୋଧ କରନ୍ତି, "ଓଃ ନା, ଏପରି କୁହନ୍ତୁ ନାହିଁ । ଏହା ସାଂଘାତିକ ଯେ ଆପଣ ନିଜକୁ କମ୍ୟୁନିଷ୍ଟ କହୁଛନ୍ତି ।", ସେତେବେଳେ ଏହି ଦୁଇ ବାଦ ମଧ୍ୟରେ ଥିବା ପାର୍ଥକ୍ୟକୁ ଫିକା କରିଦେବାର ଉଦ୍ଦେଶ୍ୟ ବାରି ହୁଏ । ଏହା ଭିନ୍ନ କଥା ଯେ କାର୍ଲ ମାର୍କ୍ସଙ୍କ ପ୍ରଣୀତ କ୍ୟାପିଟାଲର ପ୍ରଥମ ଖଣ୍ଡ, ଗାନ୍ଧୀ ପ୍ରଥମ ଥର ପଢ଼ିଲେ ଯେତେବେଳେ ତାଙ୍କୁ ବୟସ ହୋଇଥିଲା ୭୪, ଅର୍ଥାତ ୧୯୪୪ ମସିହାରେ, ବନ୍ଦୀ ଜୀବନ ଅତିବାହିତ କରୁଥିବା ବେଳେ, ଓ ଏହା ପଢ଼ି ସେ କହିଥିଲେ[୮], "ମୁଁ ଏହାଠାରୁ ଭଲ ଲେଖିପାରିଥାନ୍ତି, ଅବଶ୍ୟ ମୋ ପାଖରେ ଅଧ୍ୟୟନର ସେତିକି ଅବସର ଥିଲେ ଯେତିକି ମାର୍କ୍ସ ଉପଯୋଗ କରିଥିଲେ ।" ଏହା ସହିତ ସେ ଯୋଡ଼ିଥିଲେ,"ମାର୍କ୍ସବାଦ ଠିକ୍ କି ଭୁଲ, ତାହାକୁ ମୁଁ ଗୁରୁତ୍ୱ ଦିଏ ନା । ମୁଁ କେବଳ ଏତିକି ଜାଣେ ଯେ ଗରିବ ଆଜି ପଦଦଳିତ । ସେମାନଙ୍କ ପାଇଁ କିଛି କରାଯିବାର ଆବଶ୍ୟକତା ଅଛି । ମୋ ପାଇଁ ଏହା ହେଉଛି ସ୍ୱତଃସିଦ୍ଧ (axiomatic) ।"

ମାର୍କ୍ସବାଦକୁ କିପରି ବୁଝିଥିଲେ ଗାନ୍ଧୀ ? ତାଙ୍କରି ଭାଷାରେ[୯],"...ଅର୍ଥନୈତିକ ସମାନତାର ପ୍ରକୃତ ଅର୍ଥ ହେଲା, 'ପ୍ରତ୍ୟେକକୁ ସେତିକି ଯେତିକି ତାର ଆବଶ୍ୟକ' । ଏହା ଥିଲା ମାର୍କ୍ସଙ୍କ ପରିଭାଷା । ଯଦି ଜଣେ ମଣିଷ, ତାର ସ୍ତ୍ରୀ ଓ ଚାରୋଟି ପିଲାଙ୍କର ମୋଟ ଆବଶ୍ୟକତା କେବଳ ଗୋଟିଏ ମଣିଷ ଦାବି କରେ, ତାହାହେଲେ ଏହା ଅର୍ଥନୈତିକ ସମାନତାର ଉଲଂଘନ ହେବ ।" ବଡ଼ଲୋକର ଆବଶ୍ୟକତା ସାଧାରଣ ଲୋକଠାରୁ ବେଶୀ, ଏପରି ଯୁକ୍ତିକୁ ସେ ପ୍ରତ୍ୟାଖାନ କରୁଥିଲେ । ସମାଜରେ ଅର୍ଥନୈତିକ ବୈଷମ୍ୟ ଓ ଶୋଷଣ ଦେଖି ଗାନ୍ଧୀ ବେଶ୍ ବିଚଳିତ ହେଉଥିଲେ । ତାଙ୍କରି ଭାଷାରେ[୯], "ଆଜି ଯେପରି ଧନୀ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ଅଛି ତାହା ବେଶ୍ କଷ୍ଟଦାୟୀ ଦୃଶ୍ୟ । ଗରିବ ଗ୍ରାମବାସୀ ବିଦେଶୀ ସରକାର ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଓ ନିଜ ଦେଶର ସହରବାସୀଙ୍କ ଦ୍ୱାରା ମଧ ଶୋଷଣର ଶିକାର ହେଉଛନ୍ତି । ସେମାନେ ଖାଦ୍ୟ ଉତ୍ପାଦନ କରୁଛନ୍ତି କିନ୍ତୁ ଭୋକିଲା ରହୁଛନ୍ତି । ସେମାନେ ଦୁଗ୍ଧ ଉତ୍ପାଦନ କରୁଛନ୍ତି ଅଥଚ ତାଙ୍କ ପିଲାଏ ଏହା ପାଉନାହାନ୍ତି । ଏହା ନିହାତି ଅପମାନଜନକ ଅଟେ । ପ୍ରତ୍ୟେକେ ସନ୍ତୁଳିତ ଆହାର ପାଇବା ଉଚିତ, ବାସୋପଯୋଗୀ ଗୃହ ପାଇବା ଉଚିତ, ନିଜ ପିଲାଙ୍କୁ ଶିକ୍ଷାଦେବାର ସୁବିଧା ପାଇବା ଉଚିତ ଏବଂ ପାଇବା ଉଚିତ ସ୍ୱାସ୍ଥ୍ୟ ସେବା ।"

କିନ୍ତୁ ଅର୍ଥନୈତିକ ସମାନତାକୁ ହାସଲ କରିବା ପାଇଁ ଗାନ୍ଧୀଙ୍କର ଓ ସମାଜବାଦୀ -ସାମ୍ୟବାଦୀଙ୍କ ମାର୍ଗ ଭିତରେ ଫରକ କଣ ? ତାଙ୍କରି ଭାଷାରେ[୧୦], "ସମାଜବାଦୀ ଓ ସାମ୍ୟବାଦୀମାନେ କୁହନ୍ତି ଯେ ସେମାନେ ଆଜି ଅର୍ଥନୈତିକ ସମାନତା ପାଇଁ କିଛି କରିପାରିବେ ନାହିଁ । ଏହା ସପକ୍ଷରେ ସେମାନେ କେବଳ ପ୍ରଚାର ହିଁ କରିପାରିବେ ଏବଂ ଏହି ଲକ୍ଷ୍ୟରେ ସେମାନେ ବିଦ୍ୱେଷ ସୃଷ୍ଟି କରିବେ ଓ ଏହାକୁ ତୀବ୍ର କରିବେ । ସେମାନେ କୁହନ୍ତି ଯେ ଯେତେବେଳେ ରାଷ୍ଟ୍ର ଉପରେ ସେମାନଙ୍କର ନିୟନ୍ତ୍ରଣ ସ୍ଥାପିତ ହେବ ସେତେବେଳେ ସେମାନେ ସମାନତା ଲାଗୁ କରିବେ । କିନ୍ତୁ ମୋ ପରିକଳ୍ପନାରେ, ରାଷ୍ଟ୍ରଲୋକଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରିବ, ସେମାନଙ୍କୁ ନିର୍ଦ୍ଦେଶ ଦେବ ନାହିଁ ବା ବାଧ କରିବ ନାହିଁ ନିଜ (*ରାଷ୍ଟ୍ର*) ଇଚ୍ଛାକୁ ମାନିବା ପାଇଁ । ମୁଁ ଅର୍ଥନୈତିକ ସମାନତା ଆଣିବି, ଅହିଂସା ବାଟରେ ଲୋକମାନଙ୍କୁ ମୋ ସହିତ ଏକମତ କରାଇ, ଘୃଣା ବିରୋଧରେ ପ୍ରେମର ଶକ୍ତିକୁ ଆଧାର କରି । ସମୁଦାୟ ସମାଜକୁ ମୋ ସହିତ ଏକମତ କରାଇବା ଯାଏ ମୁଁ ଅପେକ୍ଷା କରିବି ନାହିଁ, ସିଧାସଳଖ ମୋ ପାଖରୁ ଏହା ଆରମ୍ଭ କରିବି । ଏହା କହିବା ବାହୁଲ୍ୟ ଯେ ମୋ ପରିକଳ୍ପିତ ଅର୍ଥନୈତିକ ସମାନତା ମୁଁ ଆଣିପାରିବି ନାହିଁ ଯଦି ମୁଁ ନିଜେ ପଚାଶଟି ମୋଟରଗାଡ଼ି ବା ଦଶ ବିଘା ଜମିର ମାଲିକ ହୋଇଥାଏ । ସେଥିପାଇଁ ମୋ ନିଜକୁ ଦରିଦ୍ରତମ ବ୍ୟକ୍ତିର ସ୍ତରକୁ ଆଣିବାକୁ ପଡ଼ିବ । ଗତ ପଚାଶ ବର୍ଷଠାରୁ ଅଧିକ କାଳ ଧରି ମୁଁ ଏହାହିଁ ଚେଷ୍ଟା କରୁଛି । ତେଣୁ ମୁଁ ଦାବୀ କରେ ଯେ **ମୁଁ ଜଣେ ଶୀର୍ଷସ୍ଥାନୀୟ କମ୍ୟୁନିଷ୍ଟ,** ଯଦିଓ ଧନୀମାନେ ଯୋଗାଉ ଥିବା ଗାଡ଼ି ଓ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ମୁଁ ବ୍ୟବହାର କରେ ।

ସେମାନଙ୍କର ମୋ ଉପରେ କୌଣସି ଅଧିକାର ନାହିଁ, ଏବଂ ମୁଁ ମୁହୂ ର୍କ ମଧ୍ୟରେ ସେମାନଙ୍କୁ ଛାଡ଼ିଦେଇ ପାରେ ସାଧାରଣ ଲୋକଙ୍କର ସ୍ୱାର୍ଥ ଯଦି ଏହା ଆବଶ୍ୟକ କରେ ।"

'ଧନୀ ଦରିଦ୍ର ମଧରେ ପାର୍ଥକ୍ୟ' ଦେଖି ବ୍ୟଥିତ ଗାନ୍ଧୀ, ସମାଜରେ ଅର୍ଥନୈତିକ ସମାନତା ପାଇଁ ଆଗ୍ରହୀ ଗାନ୍ଧୀ, ଧନୀମାନଙ୍କଠାରୁ ଉପଲବ୍ଧ ସୁବିଧା ସୁଯୋଗ ଆଦିକୁ ଅକୁଣ୍ଠିତ ବ୍ୟବହାର କରିବା ଦର୍ଶାଏ ନାହିଁ କି ଗାନ୍ଧୀ ଏକ ଧନୀକବର୍ଗର ଉପସ୍ଥିତିକୁ ସ୍ୱୀକାର କରୁଛନ୍ତି ଓ ପ୍ରକାରାନ୍ତରେ ଅର୍ଥନୈତିକ ବୈଷମ୍ୟର ଉପସ୍ଥିତିକୁ ଗ୍ରହଣ କରୁଛନ୍ତି ? ପ୍ରକୃତରେ ଗାନ୍ଧୀ ତ ୍ୱଗତ ଭାବେ ଧନୀକବର୍ଗର ବିରୋଧୀ ନଥିଲେ । ଗାନ୍ଧୀ ତ ବିଶ୍ୱାସ କରୁଥିଲେ ଯେ ଜଣେ ଯଦି ଧନୀ ହେଉଛି ସେ ତାହାର ବୁଦ୍ଧି ବଳରେ ହେଉଛି । ତା' ନହେଲେ ସେ କାହିଁକି ଭଗତ ସିଂହଙ୍କ ମୃତ୍ୟୁଦ୍ୱାରା ଉ ଜିତ ତାଙ୍କ ଅନୁଯାୟୀ ନୌଜଓ୍ୱାନ ସଭାର ଯୁବକମାନଙ୍କୁ କହିଥାନ୍ତେ[୧୧], "ତୁମେ ଯଦି ଚାହୁଁଛ ପୁଞ୍ଜିର ବିଲୋପ ବା ଚାହୁଁଛ ବି ଶାଳୀ ବା ପୁଂଜିପତିଙ୍କର ଉଚ୍ଛେଦ, ତୁମେ କଦାପି ସଫଳ ହେବ ନାହିଁ । ତୁମେ ଯାହା କରିବା ଦରକାର, ତାହା ହେଉଛି ତୁମେ ପୁଞ୍ଜିପତିଙ୍କୁ ଶ୍ରମର ଶକ୍ତି ଦେଖାଇଦେବା ଦରକାର । ସେମାନେ ରାଜି ହେବେ ସେମାନଙ୍କର ଟ୍ରଷ୍ଟି ହେବାପାଇଁ ଯେଉଁମାନେ ତାଙ୍କ ପାଇଁ ଖଟୁଛନ୍ତି । ମୁଁ ଶ୍ରମିକ ଓ କୃଷକ ପାଇଁ ଅଧିକା କିଛି ଚାହେଁ ନାହିଁ, ଚାହେଁ ସେମାନଙ୍କ ପାଖରେ ଯଥେଷ୍ଟ ଥାଉ ଖାଇବା ପାଇଁ, ବାସଗୃହ ରହିବା ପାଇଁ ଓ ବସ୍ତ୍ର ପିନ୍ଧିବା ପାଇଁ ଏବଂ ଆତ୍ମମର୍ଯ୍ୟାଦାର ଜୀବନଯାପନ ପାଇଁ ସାଧାରଣ ସୁବିଧା । ଏତିକି ବ୍ୟବସ୍ଥା ହୋଇଗଲେ, ସେମାନଙ୍କ ମଧ୍ୟରେ ଯିଏ ଅଧିକ ବୁଦ୍ଧିଆ ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସମ୍ପ ି ଆହରଣ କରିବାରେ ସମର୍ଥ ହେବ ।.....ମୁଁ ଚାହେଁ ଧନୀ ତା' ପାଖରେ ଧନକୁ ଧରି ରଖୁ ଗରିବଙ୍କ ପାଇଁ ବା ସେମାନଙ୍କ ପାଇଁ ତ୍ୟାଗ କରିଦେଉ ।"

ଭଗତ ସିଂହ ତାଙ୍କ ଅନୁଯାୟୀମାନଙ୍କୁ ମାର୍କ୍ସବାଦଭି ିରେ ଭାରତୀୟ ସମାଜ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ । ଅର୍ଥାତ୍ ଏକ ଏପରି ସମାଜ ଯେଉଁଠାରେ ଶ୍ରମର ଶୋଷଣପୂର୍ବକ ଘରୋଇ ବା ବ୍ୟକ୍ତିଗତ ସମ୍ପ ିର ଠୁଳୀକରଣ ସମ୍ଭବ ହେବ ନାହିଁ ।

***କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର***

୧୮୪୮ରେ ମାର୍କ୍ସ ଓ ଏଙ୍ଗେଲସ୍‌ଙ୍କ ଦ୍ୱାରା ପ୍ରସ୍ତୁତ Manifesto of the Communist Partyରେ କୁହାଯାଇଛି[୧୨], "କମ୍ୟୁନିଷ୍ଟ ତ ୍ୱର ସାରାଂଶ ଗୋଟିଏ ଧାଡ଼ିରେ ହେଉଛି: ଘରୋଇ ସମ୍ପ ିର ଉଚ୍ଛେଦ । " କିନ୍ତୁ ଏହା କହିବା ବେଳେ ମାର୍କ୍ସ ଓ ଏଙ୍ଗେଲସ୍ ସଚେତନ ଥିଲେ ଯେ ଏତଦ୍ ଦ୍ୱାରା ଯେପରି କେହି ନ ବୁଝନ୍ତୁ ଯେ ସାଧାରଣ କାରିଗର, ଛୋଟ ଚାଷୀଙ୍କର ବ୍ୟକ୍ତିଗତ ସମ୍ପ ିର ଉଚ୍ଛେଦ ହେବା ସେମାନେ ଚାହାନ୍ତି । କାରଣ ଏହାକୁ ତ ଶିଳ୍ପର ବିକାଶ ଅନେକାଂଶରେ ଉଚ୍ଛେଦ କରି ଦେଇଛି ଓ କରୁଛି । ସେମାନେ ମଧ ନିଶ୍ଚିତ ଥିଲେ ଯେ ଶ୍ରମିକ ତାର ମଜୁରି (wage) ଦ୍ୱାରା ସମ୍ପ ି କରିପାରେ ନା । ଶ୍ରମିକର ଶ୍ରମ ହିଁ ପୁଞ୍ଜି (capital) ସୃଷ୍ଟି କରେ ଅର୍ଥାତ୍ ସମ୍ପ ି ସୃଷ୍ଟି ହୁଏ ମଜୁରିଆ ଶ୍ରମର ଶୋଷଣରେ । ସେମାନେ କୁହନ୍ତି[୧୩] , "ତୁମେମାନେ ଆତଙ୍କିତ ହୋଇପଡୁଥିବ ଯେ ଆମେ ଘରୋଇ ସମ୍ପ ିର ଉଚ୍ଛେଦ ଚାହୁଁଛୁ । କିନ୍ତୁ ଆଜିର ସମାଜରେ ଜନସଂଖ୍ୟାର ୧୦ ଭାଗରୁ ୯ ଭାଗ ଲୋକଙ୍କର ଘରୋଇ ସମ୍ପ ି ଆଉ ନାହିଁ । ଯେଉଁ ଅଳ୍ପ କେତେଜଣଙ୍କର ଅଛି ତାହା ଏଇଥିପାଇଁ ଯେ ୧୦ଭାଗରୁ ୯ଭାଗଙ୍କ ପାଖରେ ନାହିଁ । ତୁମେ ତେଣୁ ଆମକୁ ଗାଳି ଦେଉଛ ଯେତେବେଳେ ଆମେ ଘରୋଇ ସମ୍ପ ିର ଉଚ୍ଛେଦ ପ୍ରସ୍ତାବ ଦେଉଛୁ, ଯେଉଁ ଘରୋଇ ସମ୍ପ ି ଉତ୍ପନ୍ନ ହେବାର ଆବଶ୍ୟକୀୟ ସ ର୍ ହେଉଛି ଅଧିକାଂଶଙ୍କ ପାଖରେ ଏହା ନ ହେବା ।" ତେଣୁ "ସାମ୍ୟବାଦ କାହାରିକୁ ସମାଜ ଉତ୍ପାଦର (products of society) ଆହରଣ କ୍ଷମତାରୁ ବଂଚିତ କରେ ନା । ଏହା ଅନ୍ୟର ଶ୍ରମକୁ ଶୋଷଣ କରିବାର କ୍ଷମତାରୁ ତାକୁ ବଂଚିତ କରେ ।"

ଶ୍ରମିକର ଶୋଷଣ କରାଯାଇ ସୃଷ୍ଟ ସମ୍ପ ିର ମାଲିକମାନଙ୍କର ସ୍ଥାନ ମାର୍କ୍ସୀୟ ସମାଜରେ ନାହିଁ ବୋଲି ଯେତେବେଳେ ସ୍ପଷ୍ଟ ଓ ପୁଂଜିର ଘରୋଇ ମାଲିକାନା ପ୍ରତି ଯେଉଁଠି ରହିଛି ବିରୋଧ, ସେତେବେଳେ ଗାନ୍ଧୀ ଘରୋଇ ସମ୍ପ ିର ମାଲିକାନାକୁ ବିରୋଧ କରନ୍ତି ନାହିଁ । ବରଂ ଦୃଢ଼ତାର ସହ କୁହନ୍ତି ଯେ ପୁଂଜିପତି ବା ବି ଶାଳୀ ବ୍ୟକ୍ତିର ଉଚ୍ଛେଦ କଦାପି ସମ୍ଭବ ନୁହେଁ । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ସେ ତ ବିଶ୍ୱାସ କରନ୍ତି ଯେ ଜଣେ ଅଧିକ ସମ୍ପ ି ହାସଲ କରିପାରୁଛି ତାର ବୁଦ୍ଧି ବଳରେ । **କିନ୍ତୁ କିଏ ନିଶ୍ଚିତ କରିବ ଯେ ଏହି 'ବୁଦ୍ଧି'ରେ ଶ୍ରମ ଶୋଷଣର କୌଶଳ ନଥିବ ? ଯଦି ଥାଏ ତାହାହେଲେ ଗାନ୍ଧୀଙ୍କ ସ୍ୱୀକୃତ ଧନୀର ସ୍ଥାନ ମାର୍କ୍ସୀୟ ସମାଜରେ ସମ୍ଭବ ହୋଇପାରେ କି ?**

***ଟ୍ରଷ୍ଟିସିପ୍***

**ଅବଶ୍ୟ ଧନୀ-ଗରିବ ଥିବା ସମାଜରେ ଗାନ୍ଧୀ ଗରିବମାନଙ୍କଠାରୁ ଆଶା କରିଛନ୍ତି ଯେ ସେମାନେ ଧନୀମାନଙ୍କଠାରେ ବିଶ୍ୱାସ ରଖିବେ ଯେ ଯେଉଁ ସମ୍ପ ି ଧନୀମାନଙ୍କ ଅକ୍ତିଆରରେ ଅଛି ତାହା ଗରିବମାନଙ୍କ ପାଇଁ । ଅପର ପକ୍ଷରେ ସେ ଆଶା କରୁଥିଲେ ଯେ ଧନୀମାନେ ଏହି ବିଶ୍ୱାସକୁ ସମ୍ମାନ ଦେବେ । ଏହା ଗାନ୍ଧୀବାଦର ସାମାଜିକ-ଅର୍ଥନୈତିକ ଦିଗ ବୋଲି କେହି କେହି ଦାବି କରନ୍ତି ଓ ଏହାକୁ ଟ୍ରଷ୍ଟିସିପ୍** (trusteeship)**କୁହନ୍ତି ।** ଏହି ଆୟୋଜନକୁ ବୁଝାଇ ଗାନ୍ଧୀ କୁହନ୍ତି[୧୪], "ଧରାଯାଉ ମୁଁ ଉ ରାଧିକାରୀ ଭାବରେ ହେଉ ବା ଶିଳ୍ପ କି ବେପାର କରି ହେଉ, ଭଲ ପରିମାଣର ସମ୍ପ ି କରିପାରିଛି । ମୁଁ ନିହାତି ଜାଣିବା ଦରକାର ଯେ ଏହି ସମ୍ପ ି ମୋର ନୁହେଁ । କେବଳ ସେତିକି ମୋର ଯାହା କୋଟି କୋଟି ସାଧାରଣ ଲୋକ ଏକ ସମ୍ମାନଜନକ ଜୀବନ ଧାରଣ ପାଇଁ ଆବଶ୍ୟକ କରନ୍ତି । ଅବଶିଷ୍ଟ ସମ୍ପ ି, ସମାଜର ଓ ସମାଜର ଜନମଙ୍ଗଳ କାର୍ଯ୍ୟରେ ନିବେଶ ପାଇଁ ।" ଗାନ୍ଧୀ ସ୍ୱୀକାର କରନ୍ତି[୧୪], "ମୁଁ ଏହି ତ ୍ୱ ଉପସ୍ଥାପନ କଲି ଯେତେବେଳେ ରାଜା-ଜମିଦାରଙ୍କ ସମ୍ପ ି ମାଲିକାନା ସମ୍ପର୍କରେ ସମାଜବାଦୀ ତ ୍ୱ ଦେଶ ସମ୍ମୁଖରେ ରଖାଗଲା । ବିଶେଷ ସୁବିଧା ଉପଭୋଗ କରୁଥିବା ଏହି ଶ୍ରେଣୀ ବିଲୋପ ହେବାର ସମ୍ଭାବନା ଦେଖାଗଲା ।" କହିବା ବାହୁଲ୍ୟ ଯେ ଗାନ୍ଧୀଙ୍କର ଟ୍ରଷ୍ଟିସିପ୍ (trusteeship) ତ ୍ୱ ଏକ ପ୍ରତିକ୍ରିୟା ଥିଲା ଘରୋଇ ସମ୍ପ ି ଉଚ୍ଛେଦର ପ୍ରସ୍ତାବ ବହନ କରୁଥିବା ସମାଜବାଦୀ ତ ୍ୱ ବିରୋଧରେ । ସେ ଯେପରି ରାଜା-ଜମିଦାରଙ୍କୁ କହୁଥିଲେ[୧୪], "ତୁମ ସମ୍ପ ି ତୁମ ପାଖରେ ରହିବ କିନ୍ତୁ ତୁମେ ତୁମ ନିଜକୁ ଶ୍ରମିକ ସ୍ତରକୁ ଖସାଇ ଆଣ ।" ଅନ୍ୟପଟେ ଶ୍ରମିକକୁ କହୁଥିଲେ ତୁମେ ବୁଝିବା ଉଚିତ ଯେ ତୁମେ ତୁମ ଶ୍ରମର ଯେପରି ମାଲିକ, ଧନୀ, ତା'ଠାରୁ କମ, ତା'ସମ୍ପ ିର ମାଲିକ । ଅବଶ୍ୟ ଗାନ୍ଧୀ ସଚେତନ ଥିଲେ ଯେ ତାଙ୍କର ଟ୍ରଷ୍ଟିସିପ ତ ୍ୱକୁ ଅମଳ କରିବା ସହଜ ନୁହେଁ ଯଦିଓ ବୌଦ୍ଧିକ ସ୍ତରରେ ଏହାକୁ ବୁଝିବା କଷ୍ଟ ନୁହେଁ । ତେବେ ଏହି ତ ୍ୱକୁ ବୈଧାନିକ ଆଇନ (statute) କରି କାର୍ଯ୍ୟକାରୀ କରାଯାଇପାରେ କି? ଗାନ୍ଧୀ କୁହନ୍ତି[୧୦], "ଧରାଯାଉ ଭାରତ ଆସନ୍ତାକାଲି ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା, ସବୁ ପୁଞ୍ଜିପତିଙ୍କୁ ସୁଯୋଗ ମିଳିବ ବିଧିସିଦ୍ଧ ଟ୍ରଷ୍ଟି ହେବା ପାଇଁ । କିନ୍ତୁ ଏପରି ବୈଧାନିକ ଆଇନକୁ ଉପରୁ ଲଦି ଦେବା ଉଚିତ ନୁହେଁ । ଏହା ତଳୁ ଆସିବା ଉଚିତ । ଯେତେବେଳେ ଲୋକେ ଟ୍ରଷ୍ଟିସିପର ନିହିତାର୍ଥ (implications)କୁ ବୁଝିବେ ଏବଂ ଏଥିପାଇଁ ବାତାବରଣ ପରିପକ୍ୱ ହେବ ସେତେବେଳେ ଲୋକେ ନିଜେ ଏହିପରି ଆଇନକୁ ପ୍ରଚଳନ କରିବା ଆରମ୍ଭ କରିବେ ଗ୍ରାମ ପଂଚାୟତ ସ୍ତରରୁ । ଏହିଭଳି ଜିନିଷ ତଳୁ ଆସିଲେ ଢୋକିବା ସହଜ ହୁଏ । ଉପରୁ ଆସିଲେ ଏହା ଏକ ଜଡ଼ଭାର (dead weight.) ହୋଇଯିବାର ରହିଛି ସମ୍ଭାବନା ।"

**ଗାନ୍ଧୀଙ୍କର ଟ୍ରଷ୍ଟିସିପ୍ ତ ୍ୱର କାର୍ଯ୍ୟକାରିତାରେ ଗରିବର ଭୂମିକା ଉପରେ ହିଁ ଯେ ଅଧିକ ଗୁରୁତ୍ୱ ଦିଆଯାଇଛି ଏହି ଧାରଣା ହେବା ଅସ୍ୱାଭାବିକ ନୁହେଁ, ଗାନ୍ଧୀଙ୍କର ଉଲ୍ଲିଖିତ ବକ୍ତବ୍ୟମାନଙ୍କରୁ ।**

***ଉପସଂହାର***

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ ଗାନ୍ଧୀ ନିଜକୁ 'କମ୍ୟୁନିଷ୍ଟ' ବୋଲି କହୁଥିଲେ ମଧ୍ୟ ସେ ମାର୍କସ୍‌ଙ୍କ ପରିଭାଷିତ କମ୍ୟୁନିଜିମ୍ ବା ସାମ୍ୟବାଦର ମୂଳ ତ ୍ୱ ଠାରୁ ବହୁ ଦୂରରେ ଥିଲେ । ତେଣୁ ଗାନ୍ଧୀ ମାର୍କ୍ସବାଦୀ ନଥିଲେ । ଗାନ୍ଧୀବାଦର ରାଜନୈତିକ ଓ ଅର୍ଥନୈତିକ ଦର୍ଶନ ସାମ୍ୟବାଦୀ ରାଜନୈତିକ ଓ ଅର୍ଥନୈତିକ ଦର୍ଶନ ଠାରୁ ଭିନ୍ନ ଥିଲା । ଅର୍ଥନୈତିକ ସମାନତା ହାସଲ କରିବା ପାଇଁ ଘରୋଇ ସମ୍ପ ିର ଉଚ୍ଛେଦ ମାର୍କ୍ସଙ୍କର ପ୍ରସ୍ତାବ ହୋଇଥିବାବେଳେ, ଗାନ୍ଧୀଙ୍କର ପ୍ରସ୍ତାବ ଥିଲା ଟ୍ରଷ୍ଟିସିପ । ଗାନ୍ଧୀ ତାଙ୍କ ପ୍ରସ୍ତାବିତ ଟ୍ରଷ୍ଟିସିପ ଅହିଂସା ଉପରେ ଆଧାରିତ ବୋଲି ଧାରଣା ଦେଉଥିବାବେଳେ ମାର୍କସଙ୍କ ପ୍ରସ୍ତାବ ହିଂସା ଆଧାରିତ ବୋଲି ମନେ କରିଛନ୍ତି । ମାର୍କସବାଦ ସହିତ ତାଙ୍କର ଭିନ୍ନମତ ଥିବା ସ େ୍ୱ, ଶ୍ରେଣୀ ସଂଘର୍ଷର ସମାଧାନ ଦିଗରେ କମ୍ୟୁନିଷ୍ଟଙ୍କର ପ୍ରସ୍ତାବଠାରୁ ଭିନ୍ନ ପ୍ରସ୍ତାବ ରଖୁଥିବା ସ େ୍ୱ, ଗାନ୍ଧୀ ନିଜକୁ କମ୍ୟୁନିଷ୍ଟ ବୋଲି ଦାବି କରନ୍ତି, ଓ ତାହା ପୁଣି ଶୀର୍ଷସ୍ଥାନୀୟ କମ୍ୟୁନିଷ୍ଟ, କାରଣ ସେ ନିଜକୁ ଦରିଦ୍ରତମ ଲୋକଟିର ସ୍ତରକୁ ଆଣିବାକୁ ପଚାଶ ବର୍ଷ ଧରି ଚେଷ୍ଟା କରି ଆସୁଛନ୍ତି । ଏହି କାରଣଟିକୁ ମାର୍କ୍ସବାଦରେ ଦୀକ୍ଷିତ କମ୍ୟୁନିଷ୍ଟମାନେ ହାଲୁକାରେ ନେବେ ନାହିଁ ନିଶ୍ଚୟ ।

***ବ୍ୟବହୃତ ଉପାଦାନ ସୂଚୀ***


୧. Mahatma, D.G.Tendulkar, Publications Division, vol. 4, p.54

୨. Mahatma, D.G.Tendulkar, Publications Division,.vol.3, p.74

୩. 349. Speech at Karachi Congress, The Collected Works of Mahatma Gandhi, Vol.51: 6 January, 1931-28 April 1931, p.305-7

୪.To Young Political Workers,Bhagat Singh ,February 2, 1931 ,: www.shahidbhagatsingh.org
୫. ଅନିର୍ବାଣ, ପଦ୍ମଚରଣ ନାୟକ, ପ୍ରଥମ ସଂସ୍କରଣ, ୧୯୯୬, ପୃ-୭୨-୭୬
୬. Gandhism-the doom for untouchables, in What Congress and Gandhi have done to the Untouchables ,. B.R. Ambedkar , 1945
୭. Mahatma, D.G.Tendulkar, Publications Division, vol. 7, p. 160
୮. Mahatma, D.G.Tendulkar, Publications Division, vol. 6, p.235
୯. Mahatma, D.G.Tendulkar, Publications Division, vol. 7, p.47
୧୦. Mahatma, D.G.Tendulkar, Publications Division, vol. 7, p.48
୧୧. Mahatma, D.G.Tendulkar, Publications Division, vol. 3, p.75
୧୨. Manifesto of the Communist Party , K.Marx anf F. Engels, Progress Publishers, Moscow, 1967, p.63
୧୩. Manifesto of the Communist Party, K.Marx anf F. Engels, Progress Publishers, Moscow, 1967, pp.65-66）
୧୪. Harijan, 3-6-1939, p. 145; Theory of Trusteeship | Trusteeship : by M.K. Gandhi (Complete Book Online), https://www.mkgandhi.org/trusteeship/chap02.htm ）